ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍
## ୨୦.୦୨.୨୦୨୩

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂସଲ ଆଜି ଭୁବନେଶ୍ୱରସ୍ଥିତ କ୍ୟାମ୍ପ କାର୍ଯ୍ୟାଳୟଠାରେ ଆନୁଷ୍ଠାନିକ ଭାବେ ଅନ୍‌ଲାଇନ୍ ମାଧ୍ୟମରେ କ୍ରାଇମ୍ ମ୍ୟାନେଜ୍‌ମେଂଟ ସିଷ୍ଟମ୍ ବା ଅପରାଧ ପରିଚାଳନା ବ୍ୟବସ୍ଥା( ସିଏମ୍‌ଏସ୍)କୁ ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନ ଉତ୍ସବରେ ଏସ୍‌ସିଆର୍‌ବି ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିନୟତୋଷ ମିଶ୍ର, ଆଇଜି (ପ୍ରୋଭିଜନିଂ) ଶ୍ରୀଯୁକ୍ତ ଯତୀନ୍ଦ୍ର କୋୟଲ, ଡିଆଇଜି ଏସ୍‌ସିଆର୍‌ବି ଡଃ ସତ୍ୟଜିତ୍ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ସମସ୍ତ ଜିଲ୍ଲାର ଏସ୍‌ପି ଉପସ୍ଥିତ ଥିଲେ ।

କ୍ରାଇମ୍ ମ୍ୟାନେଜ୍‌ମେଂଟ ସିଷ୍ଟମ୍ (ସିଏମ୍‌ଏସ୍) ଦ୍ୱାରା ପୋଲିସ୍‌ର କାର୍ଯ୍ୟଦକ୍ଷତା ବୃଦ୍ଧି, ଅପରାଧିକ ମାମଲାର ତଦାରଖ, ଅନୁଧ୍ୟାନ ଓ ସୁପରିଚାଳନା, ଅପରାଧ ସମୀକ୍ଷା ପାଇଁ ସମନ୍ୱିତ ପ୍ଲାଟଫର୍ମ ପ୍ରସ୍ତୁତ, ମାମଲାଗୁଡ଼ିକର ସମ୍ପର୍କରେ ବିସ୍ତୃତ ମୂଲ୍ୟାଙ୍କନ ଏବଂ ନିୟନ୍ତ୍ରଣ ଭଳି କାର୍ଯ୍ୟ ସହଜସାଧ୍ୟ ହୋଇପାରିବ ।

୫-ଟି ସେବାର ଅନ୍ୟତମ ସମ୍ପ୍ରସାରଣ ହେଉଛି ସିଏମ୍‌ଏସ୍ ବ୍ୟବସ୍ଥା । ଏହାଦ୍ୱାରା ପୋଲିସ୍ ବିଭାଗର ଅନୁସନ୍ଧାନ, ତଦାରଖ ଏବଂ ସାମଗ୍ରିକ କାର୍ଯ୍ୟରେ ଉନ୍ନତି ଆସିବା ସହିତ ସାଧାରଣ ନାଗରିକମାନେ ଏହି ବ୍ୟବସ୍ଥା ଦ୍ୱାରା ଉପକୃତ ହୋଇପାରିବେ ।

ଉଲ୍ଲେଖଯୋଗ୍ୟ ଯେ, ନ୍ୟାସନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ(ଏନ୍‌ସିଆର୍‌ବି), ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶା ଷ୍ଟେଟ୍ କ୍ରାଇମ୍ ରେକର୍ଡ଼ସ୍ ବ୍ୟୁରୋ(ଏସ୍‌ସିଆର୍‌ବି) ପ୍ରଥମ ପୁରସ୍କାର ଗ୍ରହଣ କରିଛି । ଏସ୍‌ସିଆର୍‌ବି ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିନୟତୋଷ ମିଶ୍ର ଉପସ୍ଥିତ ରହି ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି । ଏହାସହ ଚଳିତ ବର୍ଷ ଓଡ଼ିଶା ପୋଲିସ୍ ଆଇସିଜେଏସ୍ ସହ ଏଫ୍‌ଏସ୍‌ଏଲ୍‌ରେ (ଦ୍ୱିତୀୟ ପୁରସ୍କାର), କ୍ରାଇମ୍ ମ୍ୟାନେଜମେଂଟ ସିଷ୍ଟମ୍(ସିଏମ୍‌ଏସ୍) ଏବଂ ସାକାରରେ (ପ୍ରଥମ ପୁରସ୍କାର) ହାସଲ କରି ଓଡ଼ିଶା ପୋଲିସ୍‌ର ଗୌରବ ବଢାଇବାରେ ସକ୍ଷମ ହୋଇଛନ୍ତି ।

20/02/23

PRO, SP Hdqrs, Cuttack